ବରଗଡ଼ ଧନୁଯାତ୍ରା ୨୦୨୨-୨୩ କଳାକାର ଚୟନ ପାଇଁ ବିଜ୍ଞପ୍ତି

ବିଜ୍ଞାପନ ସଂଖ୍ୟା ୦୧ / ତା ୧୯.୧୦.୨୦୨୨

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି କ୍ରମେ ଆସନ୍ତା ବରଗଡ଼ ଧନୁଯାତ୍ରା ମଥୁରାନଗରୀର ନିମ୍ନଲିଖିତ ଚରିତ୍ରମାନଙ୍କ ଚୟନ ପାଇଁ ଇଚ୍ଛୁକ ଥିବା କଳାକାରମାନଙ୍କଠାରୁ ଚୟନ ନିମନ୍ତେ ନିର୍ଧାରିତ ଫର୍ମ ରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି ।

ଚୟନ ପାଇଁ ଉଦ୍ଦିଷ୍ଟ ଚରିତ୍ରଗୁଡିକ

୧ ।ମହାରାଜା କଂସ ୨ । ମହାମନ୍ତ୍ରୀ ୩ । ସାର୍ତ୍ତକୀ ୪ । ଚାଣୁର ୫ । ମୁଷ୍ଟିକ ୬ । ଅକ୍ରୁର ୭ । ଉଗ୍ରସେନ ୮ । ବସୁଦେବ ୯ । ଦେବକୀ ୧୦ । ନାରଦ ୧୧ । ସେନାପତି

ପ୍ରାର୍ଥୀମାନେ ନିର୍ଦ୍ଧାରିତ ଆବେଦନ ପତ୍ର ବରଗଡ ଜିଲ୍ଲା ୱେବ ସାଇଟ https://bargarh.nic.inରୁ ଡାଉନଲୋଡ କରିପାରିବେ କିମ୍ବା ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟଳୟଠାରୁ କୌଣସି ଏକ ପରିଚୟ ପତ୍ର ର ନକଲ ଦେଇ ଆବେଦନ ପତ୍ର ଗ୍ରହଣ କରିପାରିବେ ।

୧. ଆବେଦନ ପତ୍ରଗୁଡିକ ତା ୨୨.୧୦.୨୦୨୨ ଦିବା ୧୦ ଘଟିକା ଠାରୁ ତା ୩୧.୧୦.୨୦୨୨ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ)ଗ୍ରହଣ କରାଯିବ । ନିର୍ଦ୍ଧାରିତ ସମୟ ପରେ ଗ୍ରହଣ ହୋଇଥିବା ଆବେଦନ ପତ୍ର ଗୁଡ଼ିକ ବିଚାରକୁ ନିଆଯିବ ନାହିଁ ।

୨. ଆବେଦନ ପତ୍ରଗୁଡ଼ିକ ଇ-ମେଲ Bargarhdhauyatramahotsava@gmail.com / ଡାକ କିମ୍ବା ବ୍ୟକ୍ତିଗତ ଭାବରେ ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟଳୟରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିପାରିବେ ।

୩. ଜଣେ କଳାକାର ସର୍ବାଧିକ ୨ଟି ଭୂମିକା ପାଇଁ ଆବେଦନ କରିପାରିବେ ।

୪. ପ୍ରାର୍ଥୀଙ୍କ ସ୍କ୍ରିପ୍ଟ ବିହୀନ ଖୋଲା ରଙ୍ଗମଞ୍ଚରେ ଅଭିନୟର ଅଭିଜ୍ଞତା ଥିବା ଆବଶ୍ୟକ ।

୫. ଚୟନ ସମୟରେ ଯିବା ଆସିବା ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ଓ ଇଚ୍ଛୁକ କଳାକାରମାନେ ଯଦି ଚାହିଁବେ ଚୟନ ସମୟରେ ନିଜଖର୍ଚ୍ଚରେ ବେଶଭୁଷା ସଜ୍ଜିତ ହୋଇପାରିବେ ।

୬. ଧନୁଯାତ୍ରା ପାଇଁ ମନୋନୀତ କଳାକାରମାନେ ବରଗଡ଼ ଧନୁଯାତ୍ରାରେ ଅଭିନୟ କରୁଥିବା ପର୍ଯ୍ୟନ୍ତ ଅନ୍ୟ କୌଣସି ଧନୁଯାତ୍ରାରେ ସମ୍ପୃକ୍ତ ଭୂମିକାରେ ଅଭିନୟ କରିପାରିବେ ନାହିଁ ।

୭. କଂସ ଭୂମିକା ପାଇଁ ବୟସ ସୀମା ୧୮ ବର୍ଷ ରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୮. ମନୋନୀତ କଳାକାର ତା ୨୫.୧୧.୨୦୨୨ ଠାରୁ ଧନୁଯାତ୍ରା ସମାପ୍ତ ହେବାପର୍ଯ୍ୟନ୍ତ ବରଗଡ଼ରେ ଅଭ୍ୟାସ ଓ ଅଭିନୟ ପାଇଁ ଉପଲବ୍ଧ ହେବେ ।

୯. ପ୍ରାର୍ଥୀ ଆବେଦନ ସମୟରେ ସରକାରଙ୍କ ପ୍ରଦତ୍ତ କୌଣସି ଏକ ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର କାର୍ଡ, ପାନ କାର୍ଡ, ପାସପୋର୍ଟ, ବ୍ୟାଙ୍କ ପାସବୁକ ଇତ୍ୟାଦିର ନକଲ ଆବେଦନ ପତ୍ର ସହ ସଂଲଗ୍ନ କରିବେ ।

୧୦. ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ସ୍ୱଇଚ୍ଛାରେ କୌଣସି କାରଣ ନ ଦର୍ଶାଇ ଉପୋରୋକ୍ତ ସର୍ତ୍ତାବଳୀ କୁ ପରିବର୍ତ୍ତନ କିମ୍ବା ନାକଚ କରିପାରିବେ ।

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଆଦେଶ କ୍ରମେ

ସମ୍ପାଦକ

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବରଗଡ଼ / ସମସ୍ତ ବ୍ଲକ ଏବଂ ଜିଲ୍ଲାର ସମସ୍ତ ପୌରପରିଷଦ ବରଗଡ଼ କାର୍ଯ୍ୟଳୟ କୁ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପ୍ରଦାନ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ ତଥା ସଭାପତି ବରଗଡ଼ ଧନୁଯାତ୍ରା ମହୋତ୍ସବ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ସମ୍ପାଦକ

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ,ବରଗଡ଼

Scanned with CamScanner

କଳାକାର ଚୟନ ପାଇଁ ଆବେଦନ ଫର୍ମ

୧. କେଉଁ ଭୂମିକା ପାଇଁ ଆବେଦନ କରୁଛନ୍ତି :

୨. ନାମ :

୩. ପିତାଙ୍କ ନାମ :

୪. ସ୍ଥାୟୀ ଠିକଣା :

୫. ବର୍ତମାନ ଠିକଣା ଓ ମୋବାଇଲ ନମ୍ବର :

୬. ଶିକ୍ଷାଗତ ଯୋଗ୍ୟତା :

୭. ବୟସ :

୮.ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା :

୯. କ୍ରମାନ୍ୱୟ ଭାବରେ କେଉଁ ଭୂମିକରେ କେଉଁ ସ୍ଥାନରେ :
କେତେ ବର୍ଷ ଖୋଲା ମଞ୍ଚରେ ଅଭିନୟ କରିଛନ୍ତି ।

୧୦ ଅଭିନୟ ଉତ୍କର୍ଷତା ପାଇଁ ପୁରସ୍କୃତ :
ବା ସମ୍ମାନିତ ହୋଇଥିବାର ବିବରଣୀ

ମୁଁ ଘୋଷଣା କରୁଅଛି ଯେ ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ ଏବଂ ଧନୁଯାତ୍ରା କଳାକାର ଚୟନ ବିଜ୍ଞାପନ ସଂଖ୍ୟା ୦୧ ତା ୧୯.୧୦.୨୦୨୨ରେ ପ୍ରଦତ୍ତ ସମସ୍ତ ସର୍ତାବଳୀ ମାନିବାକୁ ଅଙ୍ଗୀକାର ବଦ୍ଧ ହେଉଅଛି ।

ତାରିଖ ; ପ୍ରାର୍ଥୀଙ୍କ ସ୍ୱାକ୍ଷର

ବି.ଦ୍ର. ପ୍ରାର୍ଥୀ ଆବେଦନ ସମୟରେ ସରକାରଙ୍କ ପ୍ରଦତ୍ତ କୌଣସି ଏକ ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର କାର୍ଡ, ପାନ କାର୍ଡ, ପାସପୋର୍ଟ, ବ୍ୟାଙ୍କ ପାସବୁକ ଇତ୍ୟାଦିର ନକଲ ଆବେଦନ ପତ୍ର ସହ ସଂଲଗ୍ନ କରିବେ ।

Scanned with CamScanner